Candidate must not write on this margin.

# CSM—38/24

## PART—II/PAPER—VI

## HISTORY

## ଇତିହାସ

## PAPER—I

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250**.

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Evaluate Kharavela's contribution to religion, art and culture, and how his patronage reflects the pluralistic and dynamic nature of early Kalingan society.

ଧର୍ମ, କଳା ଏବଂ ସଂସ୍କୃତି ପ୍ରତି ଖାରବେଳଙ୍କ ଅବଦାନର ବ୍ୟାଖ୍ୟା କର ଏବଂ ଏହି ପୃଷ୍ଠପୋଷକତା ପ୍ରାରମ୍ଭିକ କଳିଙ୍ଗ ସମାଜର ବହୁଳତାବାଦୀ ଓ ଗତିଶୀଳ ପ୍ରକୃତିକୁ କିପରି ପ୍ରତିଫଳିତ କରେ?

2. Trace the political developments in Odisha between the 4th and 7th centuries AD.

ଚତୁର୍ଥ ଏବଂ ସପ୍ତମ ଶତାବ୍ଦୀ ମଧ୍ୟରେ ଓଡ଼ିଶାର ରାଜନୈତିକ ବିକାଶ ଉପରେ ଆଲୋକପାତ କର ।

3. Discuss the changes in the settlement patterns from the late Harappan phase to the early Iron Age in the context of evolving socio-economic structures of early India.

ପ୍ରାରମ୍ଭିକ ଭାରତର ସାମାଜିକ-ଆର୍ଥିକ ଗଠନର ବିକାଶ ପରିପ୍ରେକ୍ଷୀରେ ହରପ୍ପା ଯୁଗର ଶେଷ ପର୍ଯ୍ୟାୟରୁ ପ୍ରାରମ୍ଭିକ ଲୌହ ଯୁଗ ପର୍ଯ୍ୟନ୍ତ ବସତି ଢାଞ୍ଚାର ହୋଇଥିବା ପରିବର୍ତ୍ତନ ବିଷୟରେ ଆଲୋଚନା କର ।

4. Elaborate the political, social and economic life of Tamilaham as reflected in the Sangam texts.

ସଙ୍ଗମ ଗ୍ରନ୍ଥରେ ପ୍ରତିଫଳିତ ତାମିଲହାମର (Tamilaham) ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ଜୀବନକୁ ବିସ୍ତାର ଭାବେ ବ୍ୟାଖ୍ୟା କର ।

5. Explain the importance and limitations of archaeological evidence in understanding the political, economic and cultural life of early India.

ପ୍ରାରମ୍ଭିକ ଭାରତର ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନକୁ ବୁଝିବାରେ ପ୍ରତ୍ନତାତ୍ତ୍ୱିକ ପ୍ରମାଣର ଗୁରୁତ୍ୱ ଏବଂ ପ୍ରତିବନ୍ଧକ ବ୍ୟାଖ୍ୟା କର ।

6. Identify the advances in mathematics in early India with reference to the works of Aryabhata, Brahmagupta and Bhaskara.

ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ ଏବଂ ଭାସ୍କରଙ୍କ କୃତିକୁ ଆଧାର କରି ପ୍ରାରମ୍ଭିକ ଭାରତରେ ଗଣିତର ହୋଇଥିବା ବିକାଶକୁ ଉଲ୍ଲେଖ କର ।

7. Construct the economic trends of the Gupta and post-Gupta eras in the light of numismatic and inscriptional evidences.

ଗୁପ୍ତ ଏବଂ ଗୁପ୍ତ ପରବର୍ତ୍ତୀ ଯୁଗର ଅର୍ଥନୈତିକ ଧାରାଗୁଡ଼ିକୁ ମୁଦ୍ରା ଏବଂ ଶିଳାଲେଖ ଭିତ୍ତିକ ତଥ୍ୟ ଆଧାରରେ ବ୍ୟାଖ୍ୟା କର ।

**Candidate must not write on this margin.**

**Candidate must not write on this margin.**

**8.** Analyse the social and economic transformations of post-Mauryan India, with special reference to trade, craft production and urbanisation.

ବାଣିଜ୍ୟ, ହସ୍ତଶିଳ୍ପ ଉତ୍ପାଦନ ଏବଂ ସହରୀକରଣକୁ ବିଶେଷ ଭାବରେ ଉଲ୍ଲେଖ କରି ମୌର୍ଯ୍ୟ ଶାସନ ପରବର୍ତ୍ତୀ ଭାରତର ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନ ଦର୍ଶାଅ ।

**9.** What factors contributed to the transformation from hunting-gathering to pastoral and agricultural practices in the Indian subcontinent?

ଭାରତୀୟ ଉପମହାଦେଶରେ ଶିକାର ସଂଗ୍ରହରୁ ପଶୁପାଳନ ଏବଂ କୃଷି ପଦ୍ଧତିକୁ ପରିବର୍ତ୍ତନରେ କେଉଁ କାରଣଗୁଡ଼ିକର ଅବଦାନ ଥିଲା ।

**10.** Examine the various theories of the decline of the Indus Valley Civilisation.

ସିନ୍ଧୁ ସଭ୍ୟତା ଅଧୋପତନର ବିଭିନ୍ନ ତତ୍ତ୍ୱଗୁଡ଼ିକୁ ବିଶ୍ଳେଷଣ କର ।

**11.** Compare and contrast the teachings of Mahavira and Buddha and their influence on early Indian polity and culture.

ମହାବୀର ଓ ବୁଦ୍ଧଙ୍କ ଶିକ୍ଷା ଏବଂ ପ୍ରାରମ୍ଭିକ ଭାରତୀୟ ରାଜନୀତି ଓ ସଂସ୍କୃତି ଉପରେ ସେମାନଙ୍କ ପ୍ରଭାବର ଏକ ତୁଳନାତ୍ମକ ବୈଷମ୍ୟ ଉଲ୍ଲେଖ କର ।

**12.** What is the meaning of the term 'Samanta' in the context of polity during the seventh century? How did it transform the nature of Indian polity and administration?

ସପ୍ତମ ଶତାବ୍ଦୀରେ ରାଜନୀତି ପରିପ୍ରେକ୍ଷୀରେ 'ସାମନ୍ତ' ଶବ୍ଦର ଅର୍ଥ କ'ଣ? ଏହା ଭାରତୀୟ ରାଜନୀତି ଏବଂ ପ୍ରଶାସନର ପ୍ରକୃତିକୁ କିପରି ପରିବର୍ତ୍ତନ କରିଥିଲା?

Candidate must not write on this margin.

## GROUP—B

## ଗ୍ରୁପ୍—B

*Candidates to attempt* **05** ***(five)*** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**13.** Assess the impact of the Arab conquest of Sindh and the Ghaznavid invasions on Indian politics, economy and cultural interaction with the Islamic world.

ସିନ୍ଧ୍ ଉପରେ ଆରବ ବିଜୟର ପ୍ରଭାବ ଏବଂ ଗଜନୀ ସାମ୍ରାଜ୍ୟର ଭାରତ ଆକ୍ରମଣରେ ଭାରତୀୟ ରାଜନୀତି, ଅର୍ଥନୀତି ଓ ସଂସ୍କୃତି ସହ ଇସ୍‌ଲାମିକ ଜଗତର ଆଦାନପ୍ରଦାନ ବ୍ୟାଖ୍ୟା କର ।

**14.** Trace the interaction among politics, religion and art in medieval Odisha under the Somavamsis, Gangas and Gajapatis, with special reference to temple architecture and the Jagannatha tradition.

ମନ୍ଦିର ସ୍ଥାପତ୍ୟ ଏବଂ ଜଗନ୍ନାଥ ପରମ୍ପରାର ବିଶେଷ ଉଲ୍ଲେଖ ସହିତ ମଧ୍ୟଯୁଗୀୟ ଓଡ଼ିଶାରେ ସୋମବଂଶୀ, ଗଙ୍ଗ ଏବଂ ଗଜପତି ରାଜତ୍ୱ କାଳରେ ରାଜନୀତି, ଧର୍ମ ଏବଂ କଳା ମଧ୍ୟରେ ଥିବା ପାରସ୍ପରିକ ସମନ୍ୱୟ ସଂପର୍କରେ ଉଲ୍ଲେଖ କର ।

**15.** Compare the Bhakti movements in South India and the Lingayat movement in the context of challenging social orthodoxy and promoting new religious and ethical ideas.

ସାମାଜିକ ରକ୍ଷଣଶୀଳତାକୁ ଆହ୍ୱାନ କରିବା ଏବଂ ନୂତନ ଧାର୍ମିକ ଓ ନୈତିକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପରିପ୍ରେକ୍ଷୀରେ ଦକ୍ଷିଣ ଭାରତରେ ଭକ୍ତି ଆନ୍ଦୋଳନ ଏବଂ ଲିଙ୍ଗାୟତ ଆନ୍ଦୋଳନର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କର ।

**16.** Evaluate the role of Indian mercantile classes, banking, insurance and credit systems during the Mughal period.

ମୋଗଲ ସମୟରେ ଭାରତୀୟ ବାଣିଜ୍ୟିକ ବର୍ଗର, ବ୍ୟାଙ୍କ, ବୀମା ଏବଂ ଋଣ ବ୍ୟବସ୍ଥାର ଭୂମିକା ବ୍ୟାଖ୍ୟା କର ।

17. Elaborate the contributions of Sher Shah Suri to the evolution of administrative and revenue institutions in India.

ଭାରତରେ ପ୍ରଶାସନିକ ଏବଂ ରାଜସ୍ୱ ସଂସ୍ଥାଗୁଡ଼ିକର ବିବର୍ତ୍ତନରେ ଶେର ଶାହ ସୁରୀଙ୍କ ଅବଦାନ ଉଲ୍ଲେଖ କର ।

18. Illustrate Alberuni's contribution to the study of Indian science, religion, civilisation and to the reconstruction of the cultural history of 11th-century India.

ଭାରତୀୟ ବିଜ୍ଞାନ, ଧର୍ମ, ସଭ୍ୟତାର ଅଧ୍ୟୟନରେ ଏବଂ ଏକାଦଶ ଶତାବ୍ଦୀର ଭାରତୀୟ ସାଂସ୍କୃତିକ ଇତିହାସର ପୁନଃନିର୍ମାଣରେ ଆଲବେରୁଣୀଙ୍କ ଅବଦାନ ସଂପର୍କରେ ଉଲ୍ଲେଖ କର ।

★★★

Candidate must not write on this margin.

## SPACE FOR ROUGH WORK

Candidate must not write on this margin.

## SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.